**Indian Journal of Modern Research and Reviews**

**This Journal is a member of the *'Committee on Publication Ethics'***

**Online ISSN:**2584-184X

***Research Article***

# ହରେକୃଷ୍ଣ ମହତାବଙ୍କ 'ପ୍ରତିଭା' : ନାରୀ ଅସ୍ମିତାର ନବପ୍ରଭା

## ଡ. ନଳିନୀ କୁମାର ପାଣିଗ୍ରାହୀ

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କଳିଙ୍ଗ ମହାବିଦ୍ୟାଳୟ, ଘୁ. ଉଦୟଗିରି, କନ୍ଧମାଳ, ଓଡ଼ିଶା, ଭାରତ

**Corresponding Author:** *ଡ. ନଳିନୀ କୁମାର ପାଣିଗ୍ରାହୀ

**DOI:** https://doi.org/10.5281/zenodo.20343390

**ସାରସଂକ୍ଷେପ**

ଉତ୍କଳ-ଭୂଷଣ, ସ୍ୱାଧୀନତା-ସଂଗ୍ରାମ-ପୁରୋଧା ତଥା ଯୁଗସ୍ରଷ୍ଟା ଡକ୍ଟର ହରେକୃଷ୍ଣ ମହତାବ ଏକାଧାରରେ ରାଷ୍ଟ୍ରନୀତି ଓ ସାରସ୍ୱତ ସାଧନାର ସାର୍ଥକ ସମନ୍ୱୟ ପ୍ରତୀକ ଅଟନ୍ତି । କାରାଗାରର ନିର୍ଜନ ପ୍ରକୋଷ୍ଠରେ ଅନୁଭୂତିର ସିଦ୍ଧ-ଶବ୍ଦରେ ରଚିତ ତାଙ୍କର ଯୁଗାନ୍ତକାରୀ ଉପନ୍ୟାସ 'ପ୍ରତିଭା' (୧୯୪୬) ତତ୍କାଳୀନ ପରାଧୀନ ଭାରତର ସାମାଜିକ ଓ ରାଜନୈତିକ ମହାବିପ୍ଳବର ଏକ ଜୀବନ୍ତ ଆଲେଖ୍ୟ । ସଂପ୍ରତି ଆଲୋଚ୍ୟ ସନ୍ଦର୍ଭରେ, ସାମନ୍ତବାଦୀ ଜମିଦାରୀ ଶୋଷଣ ଓ ଇଂରେଜ ପ୍ରଶାସନର କ୍ରୂର ଅତ୍ୟାଚାର ବିରୁଦ୍ଧରେ ସଂଘଟିତ ଗଣ-ଜାଗରଣର ପୃଷ୍ଠଭୂମିରେ, ନାରୀ ଚେତନାର କ୍ରାନ୍ତିକାରୀ ଅଭ୍ୟୁଦୟକୁ ଅତି ସୂକ୍ଷ୍ମ ଭାବେ ବିଶ୍ଳେଷଣ କରାଯାଇଛି । ସାମାଜିକ ଅଶିକ୍ଷା, ଜାତିପ୍ରଥା ଓ ଅନ୍ତଃପୁରର ଅନ୍ଧକାର ପରିବେଷ୍ଟନୀକୁ ଭେଦକରି ପ୍ରତିଭା, ନବୀନ ଏବଂ ପ୍ରକାଶଙ୍କ ଆଦର୍ଶବାଦ କିଭଳି ଜାତୀୟ ମୁକ୍ତି ସଂଗ୍ରାମକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଛି, ତାହା ଏଥିରେ ପ୍ରତିପାଦିତ । ବିଶେଷତଃ, ନିଗଡ଼-ବନ୍ଧନରୁ ମୁକ୍ତ ହୋଇ ଅସୂର୍ଯ୍ୟପଶ୍ୟା କୁଳବଧୂରୁ ବିପ୍ଳବିଣୀ ସଂଗ୍ରାମୀରେ ରୂପାନ୍ତରିତ ନାୟିକା 'ପ୍ରତିଭା'ର ଚରିତ୍ର ମାଧ୍ୟମରେ ମହତାବ ଯେଉଁ ନାରୀ-ଜାଗରଣର ସ୍ୱର୍ଣ୍ଣିମ ଆଭା ପ୍ରକଟିତ କରିଛନ୍ତି, ତାର କଳାତ୍ମକ ତଥା ଐତିହାସିକ ପ୍ରାସଙ୍ଗିକତାକୁ ଏହି ପ୍ରବନ୍ଧରେ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଅବତାରଣା କରାଯାଇଛି । ବସ୍ତୁତଃ, ପ୍ରଣୀତ ଗବେଷଣାତ୍ମକ ଆଲେଖ୍ୟଟି ମହତାବୀୟ କଥା-ସାହିତ୍ୟର ସର୍ଜନାତ୍ମକ ଆବେଗ ଓ ସାମାଜିକ ପ୍ରତିବଦ୍ଧତାର ଅନନ୍ୟ ମୂଲ୍ୟାଙ୍କନ ଅଟେ ।

**Manuscript Information**

- **ISSN No:** 2584-184X
- **Received:** 09-01-2026
- **Accepted:** 28-02-2026
- **Published:** 30-03-2026
- **MRR:**4(3); 2026: 443-447
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

**How to Cite this Article**

ଡ. ନଳିନୀ କୁମାର ପାଣିଗ୍ରାହୀ. ହରେକୃଷ୍ଣ ମହତାବଙ୍କ 'ପ୍ରତିଭା' : ନାରୀ ଅସ୍ମିତାର ନବପ୍ରଭା. Indian J Mod Res Rev. 2026;4(3):443-447.

**Access this Article Online**

www.mrrjournal.in

**ପ୍ରମୁଖ ଶବ୍ଦାବଳୀ :** ହରେକୃଷ୍ଣ ମହତାବ, ନାରୀ ଜାଗରଣ, ସ୍ୱାଧୀନତା ଆନ୍ଦୋଳନ, ସାମନ୍ତବାଦୀ, ଅନୁଭୂତିକଥାବସ୍ତୁ, ଆଦର୍ଶବାଦୀ



© 2026 ଡ. ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

## ପ୍ରସ୍ତାବନା

ହରେକୃଷ୍ଣ ମହତାବ ଜଣେ ବ୍ୟକ୍ତି ନୁହଁନ୍ତି ; ଗୋଟିଏ ଅନୁଷ୍ଠାନ I ଏକାଧାରରେ ଜଣେ ସ୍ୱାଧୀନଚେତ୍, ରାଷ୍ଟ୍ରନେତା, ସ୍ୱାଧୀନତା ସଂଗ୍ରାମୀ, ରାଜନୀତିକ, କଥା ସ୍ରଷ୍ଟା, କବି , ସମ୍ପାଦକ, ନାଟ୍ୟକାର, ପ୍ରାବନ୍ଧିକ ତଥା ସ୍ୱାଧୀନ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ I ଉତ୍କଳକେଶରୀ ଭାବରେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ I ମହାତ୍ମା ଗାନ୍ଧୀଙ୍କ ଡାକରାରେ ସେ ଅସହଯୋଗ ଆନ୍ଦୋଳନରେ ଦେଇଥିଲେ ହେଁ,ସେ ଥିଲେ ସ୍ୱାଧୀନ ଚେତା ଆତ୍ମବିଶ୍ୱାସ ତାଙ୍କର ଥିଲା ବିଶେଷ ଗୁଣ I ଅନ୍ୟ କଥାକୁ ସହଜରେ ବିଶ୍ୱାସ କରିବା ଅପେକ୍ଷା ତର୍ଜମା କରିବା ଥିଲା ତାଙ୍କର ଅନ୍ୟତମ ଆଦର୍ଶ I ଇଂରେଜମାନଙ୍କ ଶାସନରୁ ଓଡ଼ିଶାରୁ ଉଦ୍ଧାର କରିବା ଏବଂ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିବା କ୍ଷେତ୍ରରେ ତାଙ୍କର ଅବଦାନ ଅନବଦ୍ୟ I ରାଜନୀତି କ୍ଷେତ୍ରରେ ତାଙ୍କର ଯେପରି ଗଭୀର ପ୍ରବେଶ ଥିଲା; ସାହିତ୍ୟ କ୍ଷେତ୍ରରେ ମଧ ସେପରି ଗଭୀର ଅନୁପ୍ରବେଶ ଥିଲା ତାଙ୍କର ସାହିତ୍ୟ ଅନୁଭବର ଶବ୍ଦରେ ଲିଖିତ , ଜୀବନ କାଳରେ ନିତ୍ୟ ନୈମିତ୍ତିକ ଜୀବନ ପ୍ରବାହରେ ସେ ଯାହା ଅନୁଭବ କରିଛନ୍ତି,ତାକୁ ନେଇ ହିଁ ରଚନା କରିଛନ୍ତି ଉପନ୍ୟାସ, ଗଳ୍ପ, କବିତା, ପ୍ରବଂଧ I ଆତ୍ମଜୀବନୀ ' ସାଧନାର ପଥେ ' ଗ୍ରନ୍ଥରେ ସେ ଏ ସଂପର୍କରେ କହିଛନ୍ତି –" ମୋ ନିଜ ଜୀବନକୁ ନିଜେ ବିଶ୍ଳେଷଣ ଲେଖିଛି ଯେ , ଏକାଧିକ ବିଷୟରେ ମୋର ପ୍ରାୟ ସମାନ ଆଗ୍ରହ, ଫଳରେ ହୁଏତ କୌଣସି ଥିଲେ ମୁଁ ଶୀର୍ଷ ସ୍ଥାନକୁ ଯାଇପାରୁନାହିଁ; କିନ୍ତୁ ତାହା ହିଁ ମୁଁ I ରାଜନୀତି କ୍ଷେତ୍ରରେ ମୋର ଯେତିକି ଆଗ୍ରହ, ସାହିତ୍ୟ କ୍ଷେତ୍ରରେ ମଧ ସେତିକି I ଏପରି ମୋର ଅଭ୍ୟାସ ହୋଇଯାଇଛି ଯେ ଏ ଦୁଇଟି ଭିତରେ ମୁଁ ପ୍ରଭେଦ ବେଶୀ କିଛି ଜାଣିପାରେ ନାହିଁ I"ଜୀବନର ଅନୁଭବ ସହିତ ସର୍ଜନାର ଆବେଗ ଯେତେବଳେ ଏକତ୍ର ହୋଇଯାଏ, ତାହା ହିଁ ସତ୍ ସାହିତ୍ୟ ସୃଷ୍ଟିରେ ସଫଳତା ଲାଭ ହୋଇଥାଏ I କାଳଜୟୀ ସାରସ୍ୱତ ସାଧକ ମହତାବଙ୍କ କ୍ଷେତ୍ରରେ ଏହାର ପ୍ରାସଙ୍ଗିକତା ଯଥେଷ୍ଟ ବେଶୀ କହିଲେ ସତ୍ୟର ଅପଳାପ ବେଶୀ ହେବ ନାହିଁ I ବହୁପ୍ରସୂ ଲେଖନୀ ତାଙ୍କର ଜନ୍ମ ଦେଇଛି ଅନେକ ଗଳ୍ପ, କବିତା, ପ୍ରବଂଧ, ଏକାଙ୍କିକା ଏବଂ ଉପନ୍ୟାସ I 'ନୂତନ ଧର୍ମ', ' ଟାଉଟର',' ଅବ୍ୟାପାର ',' ପ୍ରତିଭା ',' ତୃତୀୟ ପର୍ବ ' ଓ ' ଉଣେଇଶି ଶହ ପଞ୍ଚସ୍ତରୀ ' ମହତାବଙ୍କ ବହୁ ଚର୍ଚ୍ଚିତ ଉପନ୍ୟାସ ଏତଦବ୍ୟତୀତ ' ଅଜବ ଦୁନିଆ ' ନାମରେ ତାଙ୍କର ପ୍ରଥମ ଉପନ୍ୟାସ ଥିବା କୁହାଯାଉଥିବାବେଳେ , ଯେହେତୁ ତାହା ଅପ୍ରକାଶିତ ଏବଂ ଦୁଷ୍ପ୍ରାପ୍ୟ ତେଣୁ ଛଅଟି ଉପନ୍ୟାସର ସ୍ରଷ୍ଟା ଭାବରେ ହରେକୃଷ୍ଣ ମହତାବ ସ୍ୱୀକୃତ ଏବଂ ସମ୍ମାନିତ ମଧ୍ଯ I

ବସ୍ତୁତଃ ଅନୁଭବ ଏବଂ ଅନୁଭୂତିର ମାନ୍ତ୍ରିକ ଉଚ୍ଚାରଣରେ ଡକ୍ଟର ମହତାବଙ୍କ ସମସ୍ତ ଉପନ୍ୟାସର କଥାବସ୍ତୁ ଅଭିମନ୍ତ୍ରିତ I ତତ୍କାଳୀନ ଓଡିଶାର ଚିତ୍ର, ସାମାଜିକ ଜୀବନର ନିଛକ ଚିତ୍ର ତାଙ୍କର ସମସ୍ତ ଉପନ୍ୟାସରେ ପ୍ରତିଭାତ, ଗଡ଼ଜାତ ଆନ୍ଦୋଳନ, ନାରୀ ଜାଗରଣ, ସ୍ୱାଧୀନତା ସଂଗ୍ରାମ, ସାମାଜିକ ସଂସ୍କାରାଦି ବିଷୟ ଆଧାରରେ ଉପନ୍ୟାସଗୁଡ଼ିକ କଥାବସ୍ତୁ ପରିକଳ୍ପିତାଡକ୍ଟର ମହତାବ ଭାରତରେ ସ୍ୱାଧୀନତା ସଂଗ୍ରାମରେ ଥିଲେ ପ୍ରତ୍ୟେକ୍ଷ ଭାବରେ ଜଡ଼ିତ। ଏଥିପାଇଁ ସେ ଅନେକବାର ଇଂରେଜ ସରକାରଙ୍କ ଦ୍ୱାରା ବନ୍ଦୀ ମଧ ହୋଇଥିଲେ। ସୁତରା ତାଙ୍କର ସମସ୍ତ ଉପନ୍ୟାସ କାରାବରଣ ବେଳର ସୃଷ୍ଟି। ଅନୁଭୂତି ସିଦ୍ଧ ଭାବାବେଗ ଆଧାରରେ ପ୍ରତିଟି ଉପନ୍ୟାସ ଜୀବନ୍ତ । ଭାରତର ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧିଙ୍କ ଆହ୍ୱାନ କ୍ରମେ ଆବାଳ ବୃଦ୍ଧ ବନିତା ଆତ୍ମ ଉତ୍ସର୍ଗ କରିଥିଲେ । ଗୃହର ଚାରିକାନ୍ଥ ମଧରେ ଆସୂର୍ଯ୍ୟପଶ୍ୟା ଭାବରେ ଜୀବନ ଅତିବାହିତ କରୁଥିବା ନାରୀଟିଏ ମଧ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ୍ କରିଥିଲେ । ଏପରି ଏକ ନାରୀ ଜାଗରଣ ସ୍ୱର୍ଣୀମ ଅଭାରେ ପ୍ରାଣବନ୍ତ ମହତାବଙ୍କ "ପ୍ରତିଭା" ଉପନ୍ୟାସ। ଯାହା ସଂପ୍ରତି ଆଲୋଚନାର ଅପେକ୍ଷା ରଖେ। " ପ୍ରତିଭା " ଉପନ୍ୟାସ ୧୯୪୬ ମସିହାରେ ରଚିତ। ତାହା ପୁଣି ଅହମ୍ମଦ ନଗର ପୋର୍ଟରେ ହରେକୃଷ୍ଣ ମହତାବ କାରାବରଣ କରୁଥିବାବେଳେ ରଚନା କରିଥିବା ଜଣାଯାଏ ।

ଉପନ୍ୟାସର ନାୟିକା " ପ୍ରତିଭା" ନାମାନୁସାରେ ଏହାର ନାମ "ପ୍ରତିଭା " ରଖାଯାଇଛି । ଗରିବ ଘରର ଝିଅ ପ୍ରତିଭା । ପିତା ସନାତନ ଏକ ଜମିଦାରୀ ସିରସ୍ତା କାମ କରି ମାସିକ ତିନି ଟଙ୍କା ବେତନ ପାଆନ୍ତି। ଗରିବ ଘରର ଝିଅ ହେଲେ ସୁଦ୍ଧା ପ୍ରତିଭା ଅତ୍ୟନ୍ତ ସରଳ ,ଗୁଣବତୀ । ମହେନ୍ଦ୍ରବାବୁ ସେହି ଗ୍ରାମର ଡେପୁଟି ମାଜିଷ୍ଟ୍ରେଟଙ୍କ ପୁଅ , ଯିଏକି କଟକ ରେଭେନ୍ସା କଲେଜରେ ବି.ଏ ଶ୍ରେଣୀରେ ପାଠପଢ଼େ । ଦିନେ ଗ୍ରାମକୁ ଆସିଥିବା ମହେନ୍ଦ୍ର ଗ୍ରାମ ସ୍କୁଲକୁ ଯାଇ ଦେଖିଥିଲେ ଅପୁଛିକୁ। ସେତେବେଳେ ତାର ବୟସ ୧୩ ବର୍ଷ । ଔପନ୍ୟାସିକଙ୍କ ବର୍ଣ୍ଣନାନୁସାରେ – " ସନତନ ଙ୍କ ଝିଅ କେବଳ ଯେ ଦେଖିବାକୁ ସୁନ୍ଦରୀ ତା' ନୁହେଁ – ତା'ର ସ୍ୱାସ୍ଥ୍ୟ ମଧ ଖୁବ୍ ଭଲ । ତା'ର ରୂପ ଓ ସ୍ୱାସ୍ଥ୍ୟ ଦେଖିଲେ ଉପେନ୍ଦ୍ର ଭଞ୍ଜ ବା କାଳିଦାସଙ୍କ ନାରୀ ସୌନ୍ଦର୍ଯ୍ୟ ବର୍ଣ୍ଣନା ମନେ ପଡ଼ିଯିବ ।" ଅପୁଛିତ ଉପରେ ମହେନ୍ଦ୍ରଙ୍କ ଆଖି ଲାଗି ଯାଇଥିଲା । ତା'ର ରୂପଗୁଣରେ ମୁଗ୍ଧ ହୋଇ ମହେନ୍ଦ୍ର ଅପୁଛି ବଦଳରେ ନାମ ଦେଇଥିଲା ପ୍ରତିଭା । ନିଜେ ମହେନ୍ଦ୍ର ଶିକ୍ଷକଙ୍କୁ ହାଜିରା ବହି ମାଗି " ଅପୁଛି " ନାମ ଯେଉଁଠି ଲେଖା ହୋଇଛି ସେଥି ନିଜେ କଲମ ନେଇ ତା'ପରେ ଏକ ଗାର ପକାଇ ଦେଇ କହିଲେ " ଏହା ନା ଅପୁଛି ନା ହୋଇ ପ୍ରତିଭା ହେବା ଉଚିତ୍ । " କେବଳ ସେତିକି ନୁହେଁ ମହେନ୍ଦ୍ର ପ୍ରତିମାସରେ ପ୍ରତିଭା ପାଇଁ ପଠେଇଛି କିଛି ସାହିତ୍ୟ ପତ୍ରିକା ଓ ବହିପତ୍ର । କ୍ରମଶଃ ମହେନ୍ଦ୍ରର ହୃଦୟର ଆଲିନ୍ଦରେ ପ୍ରତିଭାକୁ ଭଲ ପାଇବାର ବୀଜବପନ ହୋଇଛି ଏବଂ ପରବର୍ତ୍ତୀ ସମୟରେ ତାକୁ ପତ୍ନୀ ଭାବରେ ପାଇବା ପାଇଁ ଇଚ୍ଛା କରିଛି। କଥାବସ୍ତୁର ଅଗ୍ରଗତି କ୍ରମେ ଜାତିପ୍ରଥା , ପର୍ଦ୍ଦାପ୍ରଥା , ଅଶିକ୍ଷା, ନରୀମୁକ୍ତି ଓ ଅସବର୍ଣ୍ଣ ବିବାହ ସମ୍ପର୍କରେ ବିଭିନ୍ନ ପ୍ରବନ୍ଧ ଲେଖିବା ସହିତ ମହେନ୍ଦ୍ର ଗଢ଼ିଛନ୍ତି –" ବୀର ସମାଜ " । ପରବର୍ତ୍ତୀ ସମୟରେ ଗ୍ରାମର ଜମିଦାର ରାମହରିବାବୁଙ୍କର ଏକମାତ୍ର ପୁଅ ନବୀନ ସହିତ ପ୍ରତିଭାର ହୁଏ ବିବାହ । ଏଥିରେ ପ୍ରତିଭାର କିନ୍ତୁ ସମର୍ଥନ ନ ଥିଲା । ମହେନ୍ଦ୍ର ଏବଂ ନବୀନ ନୁହେଁ ସହପାଠୀ , ନବୀନ ଆଦର୍ଶବାଦୀ। ସଂଗ୍ରାମ ପ୍ରକାଶଙ୍କ ଆଦର୍ଶରେ ଅନୁପ୍ରାଣିତ । ବାପା ମାଆଙ୍କ କଥା କାଟି ନା ପାରି ପ୍ରତିଭାକୁ ସେ ସିନା ବିବାହ କଲେ ; କିନ୍ତୁ ବୈବାହିକ ଜୀବନର ସମ୍ମୋହନରେ ସେ ସଂସାରୀ ମଣିଷଟିଏ ହୋଇପାରିଲେ ନାହିଁ । ଗୃହତ୍ୟାଗୀ ହୋଇ କଟକରେ ପ୍ରତିଷ୍ଠିତ ସ୍ୱରାଜଶ୍ରମର ଦାୟିତ୍ୱ ନେଲେ ।

ଅପରପକ୍ଷରେ ଘଟଣାକ୍ରମେ ମହେନ୍ଦ୍ର ମାଜିଷ୍ଟ୍ରେଟ ହୋଇଥିବା ବେଳେ , ନବୀନ ଜେଲ୍ ଯାଇଛି । ନବୀନ ପ୍ରତିଭାକୁ ବିବାହ କରିଥିବା ହେତୁ ମହେନ୍ଦ୍ର ତାକୁ କିନ୍ତୁ ସହଜରେ ଗ୍ରହଣ କରି ପାରିନାହିଁ। ତାଙ୍କ ଜୀବନର ଗୋଡ଼ ବଦଳି ଯାଇଛି । ସଂଗ୍ରାମୀ ମହେନ୍ଦ୍ର ହୋଇଯାଉଛନ୍ତି ସାହେବ୍ ମହେନ୍ଦ୍ର , ନବୀନ କିନ୍ତୁ ସ୍ୱଂୟ ଆଦର୍ଶକୁ ଅପ୍ରତିହିତ ରଖି ଅଭାବୀ ମଣିଷର ସୁଖଦୁଃଖର ସାଥି ହୋଇଛନ୍ତି । ନବୀନ ଜେଲ୍ ରେ ଥିବାବେଳେ, ପ୍ରକାଶ ନବୀନ ଙ୍କ ମାଆ ଜାହ୍ନବୀ ଦେବୀଙ୍କ ହୃଦୟ ଜିତିବାରେ ସଫଳ ହୋଇଛି । ପକ୍ଷାନ୍ତରେ ପ୍ରତିଭା ମଧ ପ୍ରକାଶଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଧାରଣ ପ୍ରଜା ମାନଙ୍କ ଦୁଃଖରେ ସମଦୁଃଖି ହେବା ସହିତ ଜନ ଜାଗରଣରେ ନିଜକୁ ସାମିଲ୍ କରିଛି ନିଜ ଶ୍ୱଶୁର ଅତ୍ୟାଚାରରେ ଅତ୍ୟାଚାରିତ ହେଇଥିବା ପ୍ରଜାମାନଙ୍କ ନିକଟକୁ ସେ ଯାଇଛି । ସମସ୍ତଙ୍କୁ ଉଦବୋଧନ ଦେବା ଆରମ୍ଭ କରିଛି – " ଭାଇମାନେ, ମୁଁ ନୂଆ ହୋଇ ପିଞ୍ଜରାରୁ ଆଜି ବାହାରିଛି – ମୁଁ ଭଲ ଉଡ଼ି ପାରିନାହିଁ;ତେଣୁ ମୋ ଠାରୁ ବେଶି କିଛି ଆପଣ ମାନେ ଆଶା କରିବେ ନାହିଁ । ତେବେ ଆପଣ ମାନଙ୍କୁ ଜଣାଇଦେବାକୁ ଚାହେଁ ଯେ,ଆପଣ ମାନଙ୍କ ସାଙ୍ଗରେ ସମଦୁଃଖିନି ହେବା ପାଇଁ ବାହାରି ପଡ଼ିଛି । ଆପଣ ମାନଙ୍କ ଭଲ ମୋର ଭଲ-ଆପଣ ମନ୍ଦ ମୋର ମନ୍ଦ।"ପ୍ରତିଭାର ଏହି ଉଦବୋଧନ ରେ ଉପସ୍ଥିତ ଥିବା ମାଜିଷ୍ଟ୍ରେଟ ଆଶ୍ଚର୍ଯ୍ୟ ହୋଇ ଯାଇଛି। ଏପରି ଏକ ସମୟରେ ସଭାସ୍ଥଳକୁ ନବୀନ ଆସିଛି ।ପ୍ରତିଭା ଏବଂ ନବୀନଙ୍କ ପ୍ରକାଶ ମିଶାଇ ଦେଇ


© 2026 ଡ. ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ଜନ ଜାଗରଣକୁ ସୁଦୃଢ଼ କରିବାକୁ ପ୍ରୟାସ କରିଛି ।ଏପରି ଏକ ଅନୁଭୂତି ସିଦ୍ଧ କଥା ବସ୍ତୁର ମୂଳଦୁଆ ଉପରେ ମୁଣ୍ଡ ଟେକିଛି ' ପ୍ରତିଭା ' ଉପନ୍ୟାସ।

ପରାଧିନ ଭାରତ ଇଂରେଜ ମାନଙ୍କ ଦ୍ଵାରା ଯେତିକି ଶୋଷଣର ଶିକାର ହୋଇଥିଲା; ଜମିଦାର ମାନଙ୍କ ଦ୍ଵାରା ତାଠୁଁ ଅଧିକ ଅତ୍ୟାଚାରିତ ହୋଇଥିବା ଜଣାଯାଏ । ଟିକସ ନାମରେ ସଧାରଣ ମଣିଷ ମାନଙ୍କୁ ଜମିଦାରମାନେ ଶାରୀରିକ,ମାନସିକ ଏବଂ ଆର୍ଥିକ ନିର୍ଯ୍ୟାତନା ଦେଉଥିଲେ । ତେଣୁ ତଦାନନ୍ତିନ କିଛି ଦେଶପ୍ରାଣ ବ୍ୟକ୍ତିଙ୍କ ନେତୃତ୍ଵରେ ଆରମ୍ଭ ହୋଇଥିବା ଏହି ଶୋଷଣ ବିରୁଦ୍ଧରେ ଜନଜାଗରଣ । ହରେକୃଷ୍ଣ ମହତାବ ଥିଲେ ଏପରି ଏକ ଅନୁଭବୀ ନେତା । ଏଥି ପାଇଁ ଅନେକ ଥର ତାଙ୍କୁ କାରାବରଣ କରିବାକୁ ପଡ଼ିଥିଲା ।"ପ୍ରତିଭାରେ ମହତାବଙ୍କ ର ସ୍ଵାଧୀନତାକାଳୀନ ରାଜନୈତିକ ଜୀବନର ବହୁ ଅନୁଭୂତି ଓ ଅଭିଜ୍ଞତାର ଛାପ ସ୍ପଷ୍ଟ ହୋଇଛି। ବିପ୍ଳବକୁ ଆଗେଇବାକୁ ହେଲେ ନେତାମାନଙ୍କୁ କି ଅମାନୁଷିକ ଅତ୍ୟାଚାର ସହ୍ୟ କରିବାକୁ ପଡୁଥିଲା,ବିନା ଦୋଷରେ କିଭଳି ବହୁ ଲୋକଙ୍କୁ କୋର୍ଟରେ ଦୋଷୀ ସାବ୍ୟସ୍ତ କରି ଜେଲ୍ କୁ ପଠାଇ ଦିଆଯାଉଥିଲା,ଜେଲ୍ ରେ ବନ୍ଦୀମାନଙ୍କର ମନକୁ କଳୁଷିତ କରିବା ପାଇଁ କିପରି କଦର୍ଯ୍ୟ ପୋଷାକ ଦିଆଯାଉଥିଲା, ପ୍ରଜା ମାନଙ୍କ ଉପରେ ଜମୀଦାର ମାନଙ୍କର ଅତ୍ୟାଚାର ଚାଲିଥିଲା, ଟଙ୍କା ବଳରେ ଧନୀ ଲୋକ ନର ହତ୍ୟା ଅପରାଧରୁ ବି ତ୍ରାହି ପାଇ ଯାଉଥିଲା,ସମସ୍ତ ଝଡ଼,ଝଞ୍ଜା ମଧ୍ୟରେ ବିପ୍ଳବୀ ମାନେ କିପରି ବିପ୍ଳବ ବଞ୍ଚାଇ ରଖିଥିଲେ,ବନ୍ୟା ଅନାହାର ପ୍ରପୀଡ଼ିତ ଦୁସ୍ଥ ଜନତାର ସେବା କରୁଥିଲେ, ନିଶାନିବାରଣ ବିରୁଦ୍ଧରେ ପିକେଟିଂ କରୁଥିଲେ, ଏ ସବୁର ଏକ ପୁଷ୍କଳ ଚିତ୍ର ' ପ୍ରତିଭା ' ରେ ଦେଖିବାକୁ ମିଳେ (ଓଡ଼ିଆ ଉପନ୍ୟାସ ସାହିତ୍ୟର ପାରିଚୟ, ୧ମ ଭାଗ,ପୃଷ୍ଠା:୨୮୦) ମହେନ୍ଦ୍ର, ନବୀନ ତଥା ଅନ୍ୟାନ୍ୟ ସହପାଠୀମାନଙ୍କ ଦ୍ଵାରା ଗଢ଼ି ଉଠିଥିଲା ' ବୀର ସମାଜ ' । ଅଜ୍ଞାନ, କୁସଂସ୍କାର, ଜାତିପ୍ରଥା, ଅଶିକ୍ଷା, କୁ ଶିକ୍ଷା ପରି ବହୁ ସମସ୍ୟାର ମୂଳ ଉତ୍ପାଟନ ଥିଲା ଏହାର ମୂଳଲକ୍ଷ୍ୟ। କେବଳ ସେତିକି ନୁହେଁ, ଏହି ସମାଜର ସଦସ୍ୟ ମାନେ ସିଦ୍ଧାନ୍ତ ନେଇଥିଲେ ଯେ – କେହି ପଢିସାରି ଚାକିରି କରିବେ ନାହିଁ, କେହି ବିବାହ କରିବେ ନାହିଁ, ଯଦି ବିବାହ କରିବେ ଅସବର୍ଣ୍ଣ ବିବାହ କରିବେ। ପ୍ରତିଭା ଉପନ୍ୟାସର ଏହା ଏକ ସକାରାତ୍ମକ ବିଶେଷତ୍ଵ ।

ପ୍ରକାରାନ୍ତରେ ଆଲୋଚ୍ୟ ଉପନ୍ୟାସର ପ୍ରତ୍ୟେକ ଚରିତ୍ର ନିଜସ୍ଵ ଗୁଣରେ ବଳିଷ୍ଠ । ମହେନ୍ଦ୍ର, ନବୀନ, ପ୍ରକାଶ, ରାମହରି ପ୍ରତିଭା,ସନାତନ,ଜାହ୍ନବୀ ଦେବୀ ସମସ୍ତେ ବିଷୟାନୁସାରେ ନିଜର ଚାରିତ୍ରିକ ବିଶେଷତ୍ଵକୁ ପ୍ରମାଣିତ କରିବାରେ ସଫଳତା ଲାଭ କରିଛନ୍ତି। ମହେନ୍ଦ୍ର ଉଚ୍ଚ ଶିକ୍ଷିତ ଏବଂ ଗଠନମୂଳକ କାର୍ଯ୍ୟରେ ସମର୍ଥକ ଭାବରେ ଯଦିଓ ପ୍ରଥମେ ନିଜକୁ ପ୍ରମାଣିତ କରିଛି, କିନ୍ତୁ ଉପନ୍ୟାସର କଥାବସ୍ତୁର ପ୍ରବାହମାନତାରେ ତାହା ଅତୁଟ ରହିପାରିନାହିଁ। ସଂଗ୍ରାମୀ ଜୀବନରୁ ଅବ୍ୟହିତ ନେଇ ସେ ଡେପୁଟି ମାଜିଷ୍ଟ୍ରେଟ ହୋଇଛନ୍ତି। ପ୍ରଜାଆନ୍ଦୋଳନକୁ ଦିନେ ଯିଏ ସମର୍ଥନ କରୁଥିଲେ ; ପରବର୍ତ୍ତୀ ସମୟରେ ପ୍ରଜାଆନ୍ଦୋଳନ ପ୍ରତିହତ କରିବା ପାଇଁ ପ୍ରୟାସ କରିଛୁ। ପ୍ରାଥମିକ ସ୍ତରରେ ମହେନ୍ଦ୍ର ପ୍ରତିଭା ପ୍ରତି ଆକୃଷ୍ଟ ହୋଇ ବିବାହ ପାଇଁ ଇଚ୍ଛା କରିଛି , ସ୍ଵପ୍ନ ଦେଖିଛି। ବିବାହ କରିବାର ଇଚ୍ଛା ଟାକୁ ନିଜ ହୃଦୟ ଭିତରେ ସଂଗୋପିତ କରି ପ୍ରତିଭା ପାଖକୁ ବିଭିନ୍ନ ବହି ଓ ପତ୍ରିକା ପଠେଇଛି। ଆଲୋଚ୍ୟ ଉପନ୍ୟାସର କଥାବସ୍ତୁର ଆଧାରରେ ପ୍ରେମାବେଗର ଗୁରୁତ୍ଵ ନାହିଁ। ତଥାପି ନବୀନ ସହ ପ୍ରତିଭାର ବିବାହ ଘଟିବା ପରେ ମେହନ୍ଦ୍ର ହିଂସା ହୋଇଉଠିବା ସହିତ ନିଜକୁ ଦେଶ ସେବା ଠାରୁ ଦୂରେଇ ଦେଇଛି। ନବୀନର ପିତା ରାମହରି ବାବୁ ଜଣେ ଜମିଦାର ର ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତତ୍କାଳୀନ ଜମିଦାରମାନେ ଥିଲେ ପ୍ରଜା ପୀଡକ। ପ୍ରଜାମାନଙ୍କ ଠାରୁ ଅନ୍ୟାୟ ମାଧ୍ୟମରେ ଟିକସ ଆଣିବା , ଏପରିକି ଟିକସରେ ଖିଲାପ କଲେ ହତ୍ୟା କରିବାକୁ ମଧ୍ୟ ପଶ୍ଚାତ୍‌ପଦ୍ ହେଉନଥିଲେ। ଉପନ୍ୟାସର ଠାଏଁ ରାମା ପ୍ରତିଭାକୁ ପ୍ରଜାମେଳି ସମ୍ପର୍କରେ କହିଥିଲା – ' ସେଦିନ ଜଣଙ୍କୁ ମାରୁ ମାରୁ ମାରିପକେଇଥିଲେ, ସେଥିରେ କିଛି ହେଲାନାହିଁ। ଯେଉଁ ମାନେ ମେଳିର ସର୍ଦ୍ଦାର ଥିଲେ , ସେମାନଙ୍କ ନାମରେ ସାତ ଆଠ ନମ୍ବର ଦଫା ଦାଏର ହୋଇଗଲା। ପୋଲିସ ପାଖକୁ ଗଲାବେଳକୁ ସେ ମାରି ଗୋଡ଼ଉଛି " I ଏଥିରୁ ତଦାନୀନ୍ତନ ଜମିଦାରମାନଙ୍କର ଅମାନୁଷିକତା ର ସ୍ପଷ୍ଟ ଚିତ୍ର ଉଭାସିତ ହୋଇଥାଏ I

ଆଲୋଚ୍ୟ ଉପନ୍ୟାସରେ ନବୀନ ଚରିତ୍ର କିନ୍ତୁ ଜଣେ ଆଦର୍ଶବାଦୀ ବ୍ୟକ୍ତି ଭାବରେ ଉଭା ହୋଇଛନ୍ତି। ରେଭେନ୍ସା କଲେଜରୁ ବି.ଏ ଶ୍ରେଣୀରେ ପାସ କରିଛନ୍ତି । ଜମିଦାର ରାମହରିବାବୁଙ୍କ ଏକମାତ୍ର ପୁତ୍ର। ପ୍ରକାଶବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶପ୍ରେମର ସ୍ରୋତରେ ନିଜକୁ ଭସାଇ ଦେଇଛନ୍ତି । କାରାବରଣ ମଧ୍ୟ କରିଛନ୍ତି । ବାପା ମାଆଙ୍କ ବାଧ୍ୟ ବାଧକତାରେ ପ୍ରତିଭାକୁ ବିଚାର କରିଛନ୍ତି । କିନ୍ତୁ ସାଂସାରିକ ଜୀବନର ମୋହ ତାକୁ ଅଟକାଇ ପାରିନାହିଁ । ବ୍ୟକ୍ତିକ ସୁଖ ଅପେକ୍ଷା ସାମୂହିକ ସ୍ଵାର୍ଥର ଆବାହନ ନବୀନକୁ ଅଧୀର କରିଛି । ପ୍ରକାଶବାବୁଙ୍କ ସେ ଦିନର ଆଦର୍ଶର କଥା ମନେ ପଡୁଚି । ସେ କହିଥିଲେ –" ଚାରି ଦୌଡ଼ି କାଟିଦେଇ ମଝି ସମୁଦ୍ର ଭିତରେ ଡଙ୍ଗାକୁ ଭସାଇ ଦେବାକୁ ହେବ । କାହାରି ତାଡ଼ନାରେ ଦୃଦୟ ଦବି ଯିବ ନାହିଁ ବା କାହାର କ୍ରନ୍ଦନରେ ହୃଦୟ ବିଗଳିତ ହେବ ନାହିଁ ବା କୌଣସି ଅଭିଳାଷର ଅତୃପ୍ତିରେ ନୈରାଶ୍ୟ ପ୍ରଦ ହେବନାହିଁ – ଏହା ହେଉଛି ପ୍ରକୃତ ବିପ୍ଳବୀର ଲକ୍ଷଣ । " ( ପ୍ରତିଭା ପୃଷ୍ଠା – ୪୯ ) ପ୍ରକାଶବାବୁଙ୍କ ବକ୍ତବ୍ୟ ଦେଶ ସେବାର ଆକର୍ଷଣ ନିକଟରେ ବୈବାହିକ ବନ୍ଧନର ମୋହ ନବୀନ ପାଇଁ ତୁଚ୍ଛ ମନେ ହୋଇଛି । ତେଣୁ ମନକୁ ଆଣ୍ଟକରି ଖଣ୍ଡେ ଲୁଗା ଓ ଖଣ୍ଡେ ଚଦର ଏବଂ ଯେ କେତୋଟି ଟଙ୍କା ପାଖରେ ଥିଲା , ତାକୁ ନେଇ ଘରୁ ବାହାରି ଚାଲିଗଲେ ।

ସର୍ବୋପରି ଜମିଦାରୀର ମୋହ , ପିତା-ମାତା- ପତ୍ନୀଙ୍କ ସ୍ନେହ-ମମତା ଏବଂ ସରକାରୀ ଚାକିରିର ପ୍ରଲୋଭନ ଅପେକ୍ଷା ଦେଶ ସେବାର ମହତ୍ତ୍ଵ ନବୀନ ପାଇଁ ମୂଲ୍ୟବାନ ମନେ ହୋଇଛି । ଭୋଗର ପଥ ଅପେକ୍ଷା ତ୍ୟାଗର ପଥ , ଏକର ସ୍ନେହ ଅପେକ୍ଷା ଅନେକଙ୍କ କ୍ରନ୍ଦନ ନବୀନଙ୍କ ପାଇଁ ଶ୍ରେୟ ହୋଇଛି । ତେଣୁ ଜମିଦାରୀ , ପିତା, ମାତା , ସ୍ତ୍ରୀଙ୍କୁ ପରିତ୍ୟାଗ କରି ନବୀନ କଟକର ସ୍ବରାଜ ଆଶ୍ରମରେ ଅବସ୍ଥାନ କରିଛନ୍ତି । ସରକାରୀ ଡେପୁଟି ମାଜିଷ୍ଟ୍ରେଟ ଚାକିରୀକୁ ବିରୁଦ୍ଧ କରି ଜିଲ୍ଲା ମାଜିଷ୍ଟ୍ରେଟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି ନବୀନ । ମହେନ୍ଦ୍ର ନବୀନକୁ ଗୋଡ଼ରେ ଠେଲି ଦେଇ ଭିତରକୁ ଯାଇଛନ୍ତି ଏବଂ ନବୀନଙ୍କ ସମେତ ଅନ୍ୟ ସ୍ଵେଚ୍ଛାସେବୀ ମାନଙ୍କୁ କାରାବରଣ କରିବାକୁ ପଡ଼ିଛି | ନବୀନଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ହୋଇଛି I ତଥାପି ସେଥିପ୍ରତି ନବୀନଙ୍କ ଭୟ ନଥିଲା I ମୁକ୍ତ କଣ୍ଠ ରେ କହିଥିଲେ – " ଦେଶକୁ ମୁକ୍ତ କରିବା ପାଇଁ କାର୍ଯ୍ୟ କରିବା ଯଦି ଅପରାଧ , ତେବେ ମୁ ଜଣେ ବଡ଼ ଅପରାଧୀ I ଦେଶ ଓ ପ୍ରେମିକତା ଯଦି ଦଣ୍ଡନୀୟ ହୁଏ, ତେବେ ସବୁଠାରୁ ବେଶୀ ଦଣ୍ଡ ପାଇବା ଯୋଗ୍ୟ ମୁ "ବିଚାରକ ମହାଶୟ ଆପଣଙ୍କ କ୍ଷମତା ଯେତେ ଦୂର ପାଉଛି , ମତେ ଦଣ୍ଡ ଦିଅନ୍ତୁ I"( ପ୍ରତିଭା, ପୃଷ୍ଠା : ୧୦୯ ) ଏହା ହିଁ ଥିଲା ବାସ୍ତବ ମଣିଷର ହୃଦୟର ବାଣୀ I କେବଳ ସେତିକି ନୁହେଁ ଦିନେ ପ୍ରକାଶ ନବୀନକୁ କହିଥିଲେ ଦିନେ ହେଲେ ତୁମକୁ ଅଟକି ଯିବାକୁ ପଡିବ ଓ ପୁଣି ପଛକୁ ଫେରିବାକୁ ପଡିବ I ଏହାର ଉତ୍ତରରେ ଉଚ୍ଚ ସ୍ଵରରେ ନବୀନ କହିଥିଲେ " ନା ' ତା କେବେ ହେବ ନାହିଁ – ଚିର ଦିନ ମୁ ଦେଶ ସେବା ଓ ଦେଶ ମୁକ୍ତିରେ ନିଜକୁ ଖଟାଇବି I" ଏହା ଜେ କେବଳ ଜଣେ ନିରୁତା ଦେଶ ପ୍ରେମୀର ହୃଦୟକୁ ସ୍ଵତଃସ୍ଫୂର୍ଥ ଭାବରେ ପରିପ୍ରକାଶ ହେବ – ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ I

ସେହିପରି ପ୍ରକାଶ ମଧ୍ୟ ଆଲୋଚ୍ୟ ଉପନ୍ୟାସ ର ଜଣେ ଉଚ୍ଚ ଭାବା ପୂର୍ଣ୍ଣ ଚରିତ୍ର I ବିପ୍ଳବ ବିଜ୍ଞାନ ପ୍ରକାଶ ଜଣେ ଧୁରନ୍ଧର ବ୍ୟକ୍ତି ଭାବରେ ପରିଚିତ I " ଯୁବକ ଙ୍କ ଦୃଷ୍ଟିରେ ସେ ଜଣେ ଆଦର୍ଶ ପୁରୁଷ I ଯେତେବେଳେ ଯେଉଁଠି ବନ୍ୟା ଦୁର୍ଭିକ୍ଷରେ ଲୋକେ ସଙ୍କଟାପନ୍ନ ହୋଇଛନ୍ତି ସେଠି ସେତେବେଳେ ପ୍ରକାଶ କେତେକ ଯୁବକଙ୍କୁ ନେଇ ସାହାଜ୍ୟ କରିବା ପାଇଁ ପହଞ୍ଚିଛନ୍ତି I


© 2026 ଡ. ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ତେଣୁ ସାଧାରଣ ଜନତା ପ୍ରକାଶଙ୍କୁ ଜଣେ ନିଜର ଲୋକ ବୋଲି ଭାବନ୍ତି – ଯାହା ସହିତ ମନର ଆଦାନ ପ୍ରଦାନ ନିଃସଙ୍କୋଚରେ କରି ପାରନ୍ତି ।'' (ପୃଷ୍ଠା – ୪୫ ) ପ୍ରକାଶ ଜଣେ ନିର୍ଭୀକ,ନିରଳସ,ନିଃସ୍ୱାର୍ଥ ଦେଶସେବୀ; ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ , ଜନ ଜାଗରଣର ସାରଥୀ । ବାସ୍ତବରେ ଗୋପବନ୍ଧୁ ତୁଲ୍ୟ ପ୍ରକାଶ ଚରିତ୍ରର ବିମଳ ସ୍ୱର୍ଶ ରେ ସମଗ୍ର ଉପନ୍ୟାସ ଟି ଏକ ଜାତି ପ୍ରାଣତାରେ ଅଭିମନ୍ତ୍ରିତ ହୋଇ ଉଠିଛି । ତାଙ୍କର ଚିନ୍ତାଧାରା –'' ଆତ୍ମାର ମୁକ୍ତି ସାଧନ ପାଇଁ ଲକ୍ଷ ଲକ୍ଷ ସନ୍ନ୍ୟାସୀ ଯେପରି ଏ ଦେଶରୁ ବାହାରିଛନ୍ତି ଦେଶର ମୁକ୍ତି ସାଧନ ପାଇଁ ସେହିପରି ଲକ୍ଷ ଲକ୍ଷ ସନ୍ନ୍ୟାସୀ ଘରଦ୍ୱାର ସବୁ ଛାଡ଼ି ଏ ଦେଶରୁ ବାହାରି ଯିବା ଉଚିତ୍ ।'' ଏହା କେବଳ ପ୍ରକାଶଙ୍କ ଚିନ୍ତାଧାରା ନୁହେଁ – ଏହା ସତେ ଯେପରି ଥିଲା ମହତାବଙ୍କ ମନର ଭାଷା – ଗାନ୍ଧିଜୀଙ୍କ ଉଦବୋଧନୀ ଏବଂ ସର୍ବୋପରି ଜାତୀୟ ବିପ୍ଳବର ଆଗ୍ନେୟ ଆହ୍ୱାନ । ମହାତ୍ମା ଗାନ୍ଧୀଙ୍କ ଜାତୀୟ ଆନ୍ଦୋଳନକୁ ସମ୍ମାନ ଜଣାଇ, ସ୍ୱାଗତ କରି ତା ଭିତରେ ହଜି ଯିବାକୁ ନବୀନଙ୍କ ପ୍ରତି ପ୍ରକାଶଙ୍କ ପ୍ରେରଣା ଥିଲା ଯଥେଷ୍ଟ । ( ଓଡ଼ିଆ ଉପନ୍ୟାସରେ ରାଜନୈତିକ ଚେତନା,ପୃଷ୍ଠା:୨୮୫) ନବୀନ କାରାବରଣ କରିବା ପରେ ପ୍ରକାଶ ବାବୁ ପ୍ରତିଭାଙ୍କୁ ଦେଶ ପ୍ରେମରେ ଅଭିମନ୍ତ୍ରିତ କରିବା ପାଇଁ ପହଞ୍ଚିଛନ୍ତି ଜମିଦାର ରାମହରି ବାବୁଙ୍କ ଘରେ । ପ୍ରକାଶ ବାବୁଙ୍କୁ ପୁତ୍ର ତୁଲ୍ୟ ଗ୍ରହଣ କରି ଜାହ୍ନବୀ ଦେବୀ ଘରେ ଆଶ୍ରୟ ଦେଇଛନ୍ତି । କ୍ରମଶଃ ପ୍ରକାଶଙ୍କ ଆଦର୍ଶରେ ପ୍ରତିଭା ଅନୁପ୍ରାଣିତ ହେଇଛନ୍ତି । ଏ ସମସ୍ତ ଦୃଷ୍ଟିରୁ ନିର୍ବିବାଦରେ ସ୍ୱୀକାର କରାଯାଇ ପାରେ ଯେ ପ୍ରକାଶ ବାସ୍ତବରେ ଜଣେ ବିପ୍ଳବୀ ମନନଶୀଳ ବ୍ୟକ୍ତି । ଉପନ୍ୟାସର କଥାବସ୍ତୁ ପରିପ୍ରେକ୍ଷୀରେ ପ୍ରକାଶ ଚରିତ୍ରର ଉପଯୋଗୀତା ଯଥେଷ୍ଟ ବେଶୀ ।

ସର୍ବପୋରି ନାରୀ ଜାଗରଣର ଅନନ୍ୟ ଉଦାହରଣ ଷ୍ଥାନୀୟ ଚରିତ୍ର ହେଲେ ପ୍ରତିଭା । ପିଲାଟି ଦିନରୁ ମହେନ୍ଦ୍ର ଅପୁଷ୍ଟି ପାଖରେ ଦେଖିଥିଲେ ଏକ ସ୍ୱର୍ଣ୍ଣିମ ଆଭା । ତେଣୁ ତାର ନାମ ପରିବର୍ତ୍ତନ କରି ନୂତନ ନାମ ରଖିଥିଲେ ପ୍ରତିଭା। ୧୯୨୧ ମସିହା, ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ମହାତ୍ମା ଗାନ୍ଧୀ କଟକ କାଠଯୋଡ଼ି ବାଲିରେ ଅନୁଷ୍ଠିତ ଏକ ବିରାଟ ସାଧାରଣ ସଭାରେ ଯେଉଁ ଜାତୀୟ ମନ୍ତ୍ର ପ୍ରଦାନ କରିଥିଲେ, ତା'ର ପ୍ରଭାବ ଓଡ଼ିଶାର ପୁରପଲ୍ଲୀରେ ମଧ୍ୟ ବିଶେଷ ଭାବରେ ପଡିଥିଲା ।ଲୋକମାନେ ବିପୁଳ ଉତ୍ସାହ ଓ ଉନ୍ମାଦନା ମଧ୍ୟରେ ଭାରତୀୟ ଜାତୀୟ ଆନ୍ଦୋଳନରେ ଯୋଗ ଦେଉଥିଲେ। କଂଗ୍ରେସ ଅନୁଷ୍ଠାନର ପରିସର ବୃଦ୍ଧି ହେଲା। ଛାତ୍ରମାନେ ସ୍କୁଲ କଲେଜ ଛାଡ଼ିଲେ। ଅନେକ ସରକାରୀ କର୍ମଚାରୀ ଚାକିରି ପରିତ୍ୟାଗ କଲେ। ଜମିଦାରଙ୍କ ଅନ୍ୟାୟ , ଅତ୍ୟାଚାର ବିରୁଦ୍ଧରେ ପ୍ରବଳ ଜନମତ ଏବଂ ଜାଗରଣ ସୃଷ୍ଟି ହେଲା। ଅନେକ ଅସୂର୍ଯ୍ୟପଶ୍ୟା କୁଳନାରୀ ମଧ୍ୟ ମୁକ୍ତି ଆନ୍ଦୋଳନରେ ଯୋଗ ଦେଲେ। ଓଡ଼ିଶାର ସର୍ବତ୍ର ଏକ ଅଭୁତପୂର୍ବ ଜାଗରଣ ମୁଣ୍ଡ ଟେକିଲା । ସେହି ପରିପ୍ରେକ୍ଷୀରେ ଏକ ନିର୍ଦ୍ଦିଷ୍ଟ ଏବଂ ବାସ୍ତବ ରୂପାୟନ ହେଉଛି 'ପ୍ରତିଭା' ଉପନ୍ୟାସ। (ଓଡ଼ିଆ ଉପନ୍ୟସରେ ରାଜନୈତିକ ଚେତନା , ପୃଷ୍ଠା: ୨୮୪)

ପ୍ରତିଭାର ରୂପ ଯେପରି ଅନବଦ୍ୟ, ଗୁଣ ମଧ୍ୟ ଅତୁଳନୀୟ। ''ତା'ର ରୂପ ଓ ସ୍ୱାସ୍ଥ୍ୟ ଦେଖିଲେ ଉପେନ୍ଦ୍ର ଭଞ୍ଜ ବା କାଳିଦାସଙ୍କ ନାରୀ ସୌନ୍ଦର୍ଯ୍ୟ ବର୍ଣ୍ଣନା ମନେ ପଡ଼ିଯିବ।'' ଏତିକିରୁ ତା'ର ଅନୁପମ ସୌନ୍ଦର୍ଯ୍ୟ ସମ୍ପର୍କରେ ଅବଗତ ହେବା ଯଥେଷ୍ଟ। ଅନ୍ୟ ପକ୍ଷରେ ଘରକରଣା କାର୍ଯ୍ୟରେ ସେ ମଧ୍ୟ ପାରଙ୍ଗମ । ପ୍ରତିଭା ସକାଳୁ ଉଠି ଅଗଣାରେ ଗୋବର ପାଣି ପକାଇବା ସହିତ, ଗୁହାଳ କଡ଼ା , ଗାଈ ଦୁହାଁ କାମ ଶେଷ କରିଦେଇ ସକାଳ ରୋଷେଇ ପାଇଁ ପ୍ରସ୍ତୁତ ହୋଇଯାଏ । ସେହି ସମୟରେ ନାରୀଟିଏ ଗୃହ ମଧ୍ୟରେ ବନ୍ଦିନୀ ଭବରେ ଜୀବନ ଅତିବାହିତ କରୁଥିଲା। ଗୃହ କାର୍ଯ୍ୟ ବ୍ୟତୀତ କୌଣସି ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ତା' ପାଇଁ ଥିଲା ବାରଣ। ପାଠ ପଢ଼ିବା ଥିଲା ତା' ପାଇଁ ସାତ ସପନ। ଫକୀର ମୋହନଙ୍କ ରେବତୀ ଏହାର ଯଥାର୍ଥ ଉଦାହରଣ। ପ୍ରତିଭା ମଧ୍ୟ ଯଦି କେବେ ବେଶୀ ସମୟ ପଢିବାର ଦେଖେ ତେବେ ତା'ର ମା' ବିରକ୍ତ ହୋଇ କହେ- '' ତିରିଲା ଝିଅ, ପାଠ ପଢ଼ି କଅଣ ଚାକିରି କରିବ, ଏତେ ପଢ଼ା କାହିଁକି ହେଉଛି ମା।'' ଅପରଂତୁ ମହେନ୍ଦ୍ର ବହି ପଠେଇବା କଥା ଯେତେବେଳେ ପ୍ରତିଭା ମା' ଜାଣିଛନ୍ତି, ଗାଁ ଶିକ୍ଷକଙ୍କୁ ଗାଳି ଦେଇଛନ୍ତି। ଏହା ଜାଣିବା ପରେ ମହେନ୍ଦ୍ର କହିଛି – '' ଏଇତ ସମାଜର ଦଶା - ନାରୀର ଯେଉଁଠି ଏତେ ନିର୍ଯ୍ଯାତନା, ସେଠି ମୁକ୍ତି କାହିଁ?'' ନାରୀର ଭାଗ୍ୟ ପଥର ତଳେ। ଏପରି ସାମାଜିକ ବାସନ୍ଦକୁ ପଛରେ ପକେଇ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ୍ କରିବା ବାସ୍ତବରେ ନାରୀ ଜାଗରଣର ସ୍ୱର୍ଣ୍ଣିମ ଆଭା ନିଶ୍ଚୟ ।

ଏତଦ୍ ଭିନ୍ନ ମହେନ୍ଦ୍ର ବାବୁ ପଠେଇ ଥିବା ପତ୍ରିକାର ପ୍ରବନ୍ଧ 'ସମାଜରେ ନାରୀର ସ୍ଥାନ' ଏବଂ ' ନାରୀ ' ଶୀର୍ଷକ ବହିଟି ପଢ଼ି ପ୍ରତିଭା ମନରେ ନାରୀ ଜାଗରଣର ବିଦ୍ୟୁତ ସଂଚାରୀ ଯାଇଥିଲା । ସେଥିରେ ଠାଏଁ ଲେଖାଥିଲା – ସମାଜର ବାଧା ଘଟି ନଥିଲେ, ପ୍ରତିଭା ଦେଶର ଜଣେ ବିଶିଷ୍ଟ ନାରୀନେତ୍ରୀ ହୋଇ ପାରିଥାନ୍ତା। ଏ ପ୍ରବନ୍ଧଟିକୁ ପ୍ରତିଭା ବାରମ୍ବାର ପଢ଼ିଲା। ନିଜ ମନ ଭିତରେ ଯାହାକୁ ସବୁ ପ୍ରକୃତି ଗତ ନିୟମ ବୋଲି ଧରିନେଇଥିଲେ , ସେ ସମ୍ବନ୍ଧରେ ପ୍ରଶ୍ନ ଉଠିଲା- ପୁରୁଷ ଶିକ୍ଷା ପାଉଛି, ନାରୀ କାହିଁକି ନ ପାଇବ , ପୁରୁଷ ଏଣେ ତେଣେ ବୁଲୁଛି, ସେ ବିସ୍ତୃତ ଆକାଶରେ ମୁକ୍ତ ପକ୍ଷୀ, ନାରୀ କାହିଁକି ପିଞ୍ଜରାରେ ପଶି ଅଂଧାର କୋଣରେ ରହିବ, ଏ ସବୁ ପ୍ରଶ୍ନ ଉତ୍କଟ ଭାବରେ ତା' ମନରେ ଉଠିଲା। ସେଦିନ ତା'ର ନିଜ ମାଆ ତାକୁ ଯେପରି ଭାବରେ ଗାଳି ଦେଇଛି , ସେ ବିଷୟକୁ ଭାବି ଲଜ୍ଜା ଓ କ୍ରୋଧରେ ତା'ର ମନ ଅସ୍ଥିର ହେଲା। ମା' କହିଲା, ''ଏ କ'ଣ ଦାରୀଘର ନା କଅଣ '' ?

ଏହାର ଅର୍ଥ କଣ? ସେ କଣ ମନେ କରିଛି ଯେ, ନାରୀ କେବଳ ବେଶ୍ୟା ବୃତ୍ତି କରିବା ପାଇଁ ଜନ୍ମ ପାଇଛି, ଆଉ ତାର ଜଗତରେ କୌଣସି କାର୍ଯ୍ୟ ନାହିଁ. ପ୍ରତିଭାର ଏମିତି ଭାବନା ହିଁ ପ୍ରକୃତରେ ନାରୀ ଜାଗରଣର ଭିତ୍ତିଭୂମି, ସୁପ୍ତ ନାରୀ ଚେତନକୁ ଜାଗ୍ରତ କରିବାର ମହେନ୍ଦ୍ର ବେଳା. ସେହି ବହି ପ୍ରତିଭା ଅନୁଭବ କରିଛି ନିଜ ଭିତରର ଶକ୍ତିକୁ. ନାରୀ ଦୁର୍ବଳା ନୁହେଁ, ଅବଳା ନୁହେଁ, ସେ ମଧ୍ୟ ପୁରୁଷର ସମକକ୍ଷ. ସେହି ବହିରେ ଅନେକ ନାରୀଙ୍କ ଜୀବନୀ ଓ ପ୍ରତିକୃତି ଅଛି. ସେମାନେ ନିଜକୁ ବିକାଶ କରି ସମାଜର ପରିଚାଳିକା ହୋଇଛନ୍ତି. ସାହିତ୍ୟ, ବିଜ୍ଞାନ, ରାଜନୀତି ପ୍ରବୃତ୍ତି ନନା କ୍ଷେତ୍ରରେ ସେମାନେ ଯେପରି କୃତିତ୍ୱ ଦେଖାଇଛନ୍ତି, ତାହା ପୁରୁଷ ମାନଙ୍କ ପକ୍ଷରେ ପଥ ପ୍ରଦଶକ ହୋଇଛି |ସେମାନେ ସମସ୍ତେ ସମାଜର ବନ୍ଧନ ମାନି ନାହାନ୍ତି |କେତେକ ନିଜ ବାଳରେ ସମସ୍ତ ବାଧା ଅତିକ୍ରମ କରି ରାତି ଶେଷରେ ପଦ୍ମ ପରି ବିକଶିତ ହୋଇଛନ୍ତି | କେତେକ ପିତାମାତାଙ୍କ ସାହାଯ୍ୟ ଓ ସୁବିଧା ପାଇ ଉର୍ବର ଭୂମିରେ ଶସ୍ୟ ପରି ସଫଳ ହୋଇଛନ୍ତି |ମୁଁ ଯଦି ସୁବିଧା ପାଆନ୍ତି, ତାହେଲେ ତ ମୁଁ କ୍ଷଣେ ଏହିପରି ହୋଇ ପାରନ୍ତି | ବସ୍ତୁତ ଏହା ହିଁ ଆତ୍ମ ଅନ୍ୱେଷାର ପ୍ରତିଶୃତି, ଆତ୍ମପଥାନର ଫଳଶ୍ରୁତି |ଉପନ୍ୟାସର ଉପରୋକ୍ତ ବକ୍ତବ୍ୟ ମେହେନ୍ଦ୍ରର ନଥିଲା, ଏହି ଭାବନା ପ୍ରତିଭାର ନଥିଲା, ଥିଲା ଏକାନ୍ତ ଭାବରେ ଦେଶ ପ୍ରାଣ ହରେକୃଷ୍ଣ ମହତାବଙ୍କର |ତଦାନିନ୍ତନ ସ୍ୱାଧୀନତା ସଂଗ୍ରାମୀ ମାନେ ଚାହୁଁଥିଲେ ସମାଜର ସବୁ ବର୍ଗ ସଂଗ୍ରାମରେ ସାମିଲ ହୁଅନ୍ତୁ | ଶୋଷିତ ସମାଜର ଶୋଷଣରୁ ମୁକ୍ତ ହୁଅନ୍ତୁ, ନାରୀମାନେ ଅନ୍ଧାରି କୋଠରୀ ଭିତରୁ ବାହାରକୁ ଆସନ୍ତୁ ,ସ୍ୱାଧୀନତାର ସ୍ୱାଦ ଚାଖନ୍ତୁ I ଏ କଥା ସତ୍ୟ ଯେ ଆଶା ଓ ଅଭିଳାଷ ଯେତେ ଚାପା ପାଇଲେ ମଧ୍ୟ କେବେ ଲୋପ ପାଇଯାଏ ନାହିଁ I ଉପରକୁ ସେହିପରି ଜଣାଗଲେ ମଧ୍ୟ ଠିକ୍ ସେ ପରଦାରେ ହାତ ପଡ଼ିଗଲେ, ନିର୍ଦ୍ଧିଷ୍ଟ ସ୍ୱର ବାହାରିବ ଏଥିରେ ସନ୍ଦେହ ନାହିଁ I ସେତେବେଳ ଚାପଗ୍ରସ୍ତ ଅଭିଳାଷ ଜାଗରୁକ ହୁଏ, ସେତେବେଳେ ଏହାର ବେଗ ଏତେବେଶୀ ହୁଏ ଯେ, ତାକୁ ସଂଯତ କରି ରଖିବା ମଧ୍ଯ କଠିନ ହୁଏ I ପ୍ରତିଭା ମନ ଅଭିଳାଷର ଉଚ୍ଛ୍ୱାସ ତା ନିଜର କଳ୍ପନାକୁ ଅତିକ୍ରମ କରି ଚାଲିଯାଇଥାଏ I ସେ ନିଜକୁ ସମ୍ଭାଳି ପାରୁ ନ ଥାଏ I ନିଜକୁ ସମ୍ଭାଳି ନ ପାରିବା ହିଁ ବାସ୍ତବରେ ନାରୀ ଜାଗରଣର ସ୍ୱର୍ଣ୍ଣିମ ଆଭା I


© 2026 ଡ. ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/

ପ୍ରତିଭାର ଏହି ସୁପ୍ତ ଭାବାବେଗ, ଆତ୍ମ ଉତ୍ ଥାନ ଜନିତ ଉନ୍ମାଦନା, ସଂଗ୍ରାମୀ ଚେତନା, ସର୍ବୋପରି ସମାଜ କଲ୍ୟାଣ ପ୍ରତି ସମର୍ପିତ ଜୀବନର ସ୍ପନ୍ଦନ ସେତେବେଳେ ଉଦ୍ ଗିରିତ ହୋଇଛି । ଯେତେବେଳେ ସଂଗ୍ରାମୀ ପ୍ରକାଶ ବାବୁଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଛି। ନିଜ ଶ୍ୱଶୁରଙ୍କ ଅତ୍ୟାଚାରରେ ପ୍ରତିଭା ମଧ୍ଯ ଅତିଷ୍ଠ ହୋଇଛି । ରାମ ହରି ବାବୁଙ୍କ ଇସାରାରେ ସାଧାରଣ ଲୋକଟିର ମୃତ୍ୟୁରେ ପ୍ରତିଭା ମଧ୍ଯ ଉତ୍ତେଜିତ ହୋଇ ଉଠିଛି । ଏପରିକି ସେ ଚାକର ମାନଙ୍କ ସମ୍ମୁଖରେ ବିନା ଦ୍ୱିଧାରେ କହିଛି – ଗରିବ ଲୋକର ଜୀବନ ଯେପରି , ବଡ଼ଲୋକର ମଧ୍ଯ ସେହିପରି । ଗରିବ ହେଲିବୋଲି କ'ଣ ତା'ର ଜୀବନର ମୂଲ୍ୟ ନାହିଁ । ଏହା ବିପ୍ଳବିଣୀ ପ୍ରତିଭାର ଅନ୍ତଃ ବେଦନାର ମାର୍ମିକ ଉଚ୍ଚାରଣ । ଅପରନ୍ତୁ ନବୀନ ଜେଲରୁ ଖଲାସ୍ ହେବାର ପନ୍ଦର ଦିନ ଭିତରେ ଯଦି ଘରକୁ ନ ଆସନ୍ତି , ତେବେ ପ୍ରତିଭା ଭାବିଛି – ମୁଁ ମଧ୍ଯ ଏକାକିନୀ ହୋଇ ଜୀବନ ନେଇ ଖେଳା କରିବି । ମୋର ମାୟା ମମତା କିଛି ନାହିଁ – ମୁଁ ପଥର ଭିକାରୁଣି ହେବି – ମୁଁ ଦୁର୍ବୃତ୍ତ ପୁରୁଷର ପାପ ପ୍ରବୃତ୍ତି ଆଗରେ ବିପଦାପନ୍ନ ହେବି – ମାତ୍ର ମୁଁ ମୁକ୍ତ – ତେଣିକି ମୋର କାମ ବିପ୍ଳବ ; ଯେଉଁଠି ଅତ୍ୟାଚାର ସେଠି ମୁଁ ଯାଇ ପହଞ୍ଚିବି । ଯେଉଁଠି ଆର୍ତ୍ତ ସେଠି ମୁଁ ଯାଇ ସେନା କରିବି । ସେଇଥିରେ ମୋ ଜୀବନ ସାର୍ଥକ ହେବ । ଏହା କୌଣସି ଜଣେ ସାଧାରଣ ନାରୀର ଆତ୍ମବାଣୀ ନୁହେଁ। ନାରୀ ଜାଗରଣ ପ୍ରତି ଆସ୍ଥା ସ୍ଥାପନ କରିଥିବା ଜଣେ ସଂଗ୍ରାମୀ ନାରୀର ଭୀଷ୍ମ ପ୍ରତିଜ୍ଞା। ସାଧାରଣ ପ୍ରଜାମେଳିରେ ଅଭିଭାଷଣ ଦେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ପ୍ରତିଭା ନିଜକୁ କାହାର ସ୍ତ୍ରୀ କିମ୍ବା କାହାର ବୋହୂ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ହୋଇନାହିଁ । ସେ ଭାବିଛି ବିଦୀର୍ଣ୍ଣ ବସୁଧା ଭିତରେ ସ୍ୱାମୀ ପରିତ୍ୟକ୍ତା ସୀତା ଯେପରି ଆଶ୍ରୟ ନେଇଥିଲେ , ସେ ସେହିପରି ଉନ୍ମୁକ୍ତ ଜଗତରେ ନିଜକୁ ନିଜେ ମିଳେଇ ଦବ; ତେଣୁ ସେ ଖୁବ୍ ଦୃଢ଼ ଭାବରେ ରାମହରିଙ୍କ ଅତ୍ୟାଚାରକୁ ନିନ୍ଦା କରିବ ।

ସେହିପରି ପ୍ରଜାମେଳିରେ ପ୍ରଜାମାନଙ୍କୁ ସମ୍ବୋଧନ କରି ପ୍ରତିଭା ଯାହା କହି ଥିଲେ , ତାହା ଥିଲା ତତ୍କାଳୀନ ସଂଗ୍ରାମୀ ହୃଦୟର କଥା , ଜମିଦାରୀ ବିରୁଦ୍ଧର ଗାନ୍ଧୀପ୍ରେମୀଙ୍କ ବୈପ୍ଳବିକ ବାଣୀ। ଯୁଗ ଯୁଗ ଧରି ସାଧାରଣ ଜନତାଙ୍କ ଉପରେ ଚାଲିଥିବା ଶୋଷଣର ବିନାଶ ପାଇଁ ବିପ୍ଳବୀର ବୈପ୍ଳିବିକ ଉଦବୋଧନ ।ସେ ଦିନ ପ୍ରତିଭା କହିଥିଲେ - ଭାଇମାନେ, ମୁଁ ନୂଆ ହୋଇ ପିଞ୍ଜରାରୁ ଆଜି ବାହାରିଛି – ମୁଁ ଭଲ ଉଡ଼ିପାରି ନାହିଁ । ତେଣୁ ମୋ ଠାରୁ ବେଶି କିଛି ଆପଣମାନେ ଆଶା କରିବେ ନାହିଁ ।ତେବେ ଏତିକି ମୁଁ ଆପଣ ମାନଙ୍କୁ ଜଣାଇ ଦେବା ପାଇଁ ଚାହେଁ ଯେ ଆପଣ ସାଙ୍ଗରେ ସମଦୁଃଖିନି ହେବା ପାଇଁ ମୁଁ ବାହାରି ପଡ଼ିଛି । ଆପଣ ମାନଙ୍କର ଭଲ ମୋର ଭଲ – ଆପଣମାନଙ୍କର ମନ୍ଦ ହେଲେ ମୋର ମନ୍ଦ ।ସୂର୍ଯ୍ୟ ଉଇଁଲା ବେଳେ ସଂସାରରେ ଆଲୋକ ପଡ଼ିବା ପୂର୍ବରୁ ଯେପରି କୁମ୍ଭାଟୁଆ ରାବି ଉଠେ , ସେହିପରି ଆଜିକାର ଏଇ ସଭା ସମସ୍ତ ଅତ୍ୟାଚାର ଲୋପ କରି ଶେଷରେ ଶାନ୍ତିର ଆଲୋକ ବିସ୍ତାରର ସଂଦେଶ ହେଉ , ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ପ୍ରତିଭାର ବକ୍ତବ୍ୟ ଥିଲା ନାରୀ ଜାଗରଣର ମାନ୍ତ୍ରିକ ଉଚ୍ଚାରଣ। ଦୁଆର ଖୋଲି ଅନ୍ଧାର କୋଠରୀରୁ ନାରୀଟିଏ ବାହାରକୁ ଆସିବାର ପ୍ରତିଶ୍ରୁତି। ଉପରୋକ୍ତ ସମସ୍ତ ଆଲୋଚନା ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ବାସ୍ତବରେ ନାରୀ ଜାଗରଣର ସ୍ୱର୍ଣ୍ଣିମ ଆଭା ହିଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ' ପ୍ରତିଭା ' ।

## ସହାୟକ ଗ୍ରନ୍ଥସୂଚୀ


୧. ପଟ୍ଟନାୟକ ପ, ରାଉତ ଭୋଳାନାଥ। ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ। ୧ମ ଭାଗ। କଟକ: ଓଡ଼ିଶା ବୁକ୍ ଷ୍ଟୋର; ୨୦୧୯।

୨. ମହାନ୍ତି ବିକେ। ଓଡ଼ିଆ ଉପନ୍ୟାସରେ ରାଜନୈତିକ ଚେତନା। ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା; ୨୦୧୨।

୩. ମହତାବ ହେକେ। ପ୍ରତିଭା। କଟକ: ଷ୍ଟୁଡେଣ୍ଟସ୍ ଷ୍ଟୋର; ୧୯୮୩।

୪. କାଦମ୍ବିନୀ। ୨୬ତମ ସ୍ୱନକ୍ଷତ୍ର ବିଶେଷାଙ୍କ। ଜୁଲାଇ ୨୦୨୫।



**Creative Commons License**

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) License. This license permits users to copy and redistribute the material in any medium or format for non-commercial purposes only, provided that appropriate credit is given to the original author(s) and the source. No modifications, adaptations, or derivative works are permitted.



**About the Corresponding Author**



**ଡ଼ . ନଳିନୀ କୁମାର ପାଣିଗ୍ରାହୀ** ଡକ୍ଟର ନଳିନୀ କୁମାର ପାଣିଗ୍ରାହୀ, ସମକାଳୀନ କବିତା ଏବଂ ସମାଲୋଚନା ରଚନା କ୍ଷେତ୍ରରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ତାଙ୍କର କବିତା ମାନବୀୟ ଜୀବନବୋଧର କଥା କହିବାରେ ଯେପରି ସମର୍ଥ; ସମାଲୋଚନା ସେପରି ବିଷୟ ଉପସ୍ଥାପନରେ ବୈଚିତ୍ର୍ୟ, ନିରୋଳା ଭାଷା ଏବଂ ଅନ୍ତର୍ଦୃଷ୍ଟି ସଂପନ୍ନ ଭାବ ବିନ୍ୟାସରେ ଅନନ୍ୟ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବି ଓ କବିତା ସଂପର୍କରେ ଏହା ଏକ ନିର୍ଭରଯୋଗ୍ୟ ସମାଲୋଚନା ଗ୍ରନ୍ଥ । କାବ୍ୟ ପିପାସୁଙ୍କ ବୌଦ୍ଧିକ ଜିଜ୍ଞାସା ଏବଂ ରସଚେତନା ସୃଷ୍ଟି କରିବାରେ ଏହି ଗ୍ରନ୍ଥ ସହାୟକ ହେବ- ଏହା ଆମର ଦୃଢ଼ ବିଶ୍ୱାସ ।




© 2026 ଡ. ନଳିନୀ କୁମାର ପାଣିଗ୍ରାହୀ. This is an open-access article distributed under the terms of the Creative Commons Attribution 4.0 International License (CC BY NC ND).https://creativecommons.org/licenses/by/4.0/